ହୋଇପାରି ନାହାନ୍ତି, ହେଇପାରିବେନି ମଧ୍ୟ । କାରଣ ଅନନ୍ତକୁ ସାନ୍ତ ଜାଣିବାକୁ ଅକ୍ଷମ । କିନ୍ତୁ ଭୌତିକ ବୁଦ୍ଧି ଓ ଜ୍ଞାନ ଦୃଷ୍ଟିରୁ ବିଚାର କଲେ ଗୋଟିଏ ସିଦ୍ଧାନ୍ତ ସତ୍ୟସମ ପ୍ରତୀୟମାନ ହୁଏ ଯେ ଯେହେତୁ ଆମ ଦୃଶ୍ୟମାନ ଜଗତରେ ପାଣି,ପବନ, ମାଟି,ଅଗ୍ନି, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ପ୍ରଭୃତି ସମସ୍ତ ଜୀବ ଓ ଅଜୀବ ବସ୍ତୁ ପାଇଁ ସମାନ ଏବଂ ପ୍ରାକୃତିକ ନିୟମରେ ନାହିଁ ପାତର ଅନ୍ତର ଓ ସବୁକିଛି ନିଷ୍ପକ୍ଷ ଓ ନିରପକ୍ଷ ନିୟମରେ ପରିଚାଳିତ, ତେଣୁ ସମସ୍ତଙ୍କ ନିମନ୍ତେ ଈଶ୍ୱର ଏକ ଓ ଅଦ୍ୱିତୀୟ ନିଶ୍ଚୟ ହେଇଥିବେ, ଭିନ୍ନ ଭିନ୍ନ ବିଶ୍ୱାସଲାଗି ବିଭିନ୍ନ ସ୍ରଷ୍ଟା ବା ଈଶ୍ୱର କସ୍ମିନକାଳେ ହେବେନି । ଯେତେବେଳେ ଆମର ବ୍ରହ୍ମାଣ୍ଡର ଅନନ୍ତତାକୁ ଜାଣିବା ଓ ବୁଝିବା ସମ୍ଭବ ନୁହେଁ,ସେତେବେଳେ ଅନନ୍ତତାର ଅନନ୍ତ ସ୍ରଷ୍ଟାକୁ କେମିତି ଜାଣିହେବ ? ବର୍ତ୍ତମାନ ସୁଦ୍ଧା ଆମର ବିବର୍ତ୍ତିତ ମସ୍ତିଷ୍କର ସାମର୍ଥ୍ୟ ଅଛି କି ଏହାକୁ ବୁଝିବା ପାଇଁ ? ଯାହା ବି ଅବତାର, ପ୍ରଫେଟ, ଋଷି, ମୁନି, ମହାପୁରୁଷମାନଙ୍କର ବାର୍ତା ଶାସ୍ତ୍ରମାନଙ୍କରେ ଲିପିବଦ୍ଧ ହୋଇଛି ତାହା ସମୁଦ୍ରର ଶଙ୍ଖେ ପାଣି ସଦୃଶ । ପ୍ରତ୍ୟେକ ମହାପୁରୁଷ ଏ ଅନନ୍ତତାର ଗୋଟିଏ ଗୋଟିଏ ଅଂଶକୁ ନିଜନିଜର ଦୃଷ୍ଟିକୋଣ ଓ ପ୍ରଚଳିତ ସାମାଜିକ ପରିବେଶକୁ ଅବଲୋକନ କରି ବାଣୀ ପ୍ରଦାନ କରିଛନ୍ତି ଅବଶ୍ୟ ମନୁଷ୍ୟର ନୈତିକ ଓ ଆଧ୍ୟାତ୍ମିକ ଉତ୍ତରଣ ସକାଶେ । ଅବଶ୍ୟ ସେଗୁଡ଼ିକ ନିଶ୍ଚିତ ଆପ୍ତବାକ୍ୟ ଏଥିରେ ସନ୍ଦେହ ନାହିଁ ।

ପ୍ରାଚୀନ ଭାରତୀୟ ଉପନିଷଦମାନଙ୍କରେ ବର୍ଣ୍ଣିତ ହୋଇଛି ଯେ ସ୍ରଷ୍ଟା ବା ଭଗବାନ ପରଂବ୍ରହ୍ମ ସତ୍ ଚିତ୍ ଆନନ୍ଦ ସ୍ୱରୂପ । ସେ ଅନିର୍ଦ୍ଦେଶ୍ୟ, ଅଣାକାର, ନିର୍ଗୁଣ, ଅଣୁ ଠାରୁ ମଧ୍ୟ ସୂକ୍ଷ୍ମ ଏବଂ ମହତ୍ ଠାରୁ ମଧ୍ୟ ମହତ୍ତର । ଗଗନ ସଦୃଶ । ପ୍ରେମମୟ କେବଳ ଜ୍ଞାନସ୍ୱରୂପ । ଶ୍ରୁତି କୁହନ୍ତି – ସେ ହିଁ ଜ୍ଞାତା ସର୍ବଜ୍ଞ ତାଙ୍କୁ କିନ୍ତୁ କେହି ଜାଣିବା ଯୋଗ୍ୟ ନୁହନ୍ତି(ସ ବେତତି ସର୍ବଂ ନ ଚାସ୍ୟ ବେତତାସ୍ତି) । ଋଷି ଯାଜ୍ଞବଲକ୍ୟ କହିଛନ୍ତି – ବିଜ୍ଞାତାରଂ ଅରେ କେନ ବିଜାନୀୟାତ୍ ଅର୍ଥାତ୍ ସେ ସ୍ୱୟଂ ସର୍ବଜ୍ଞ ତାଙ୍କୁ କାହା ଦ୍ୱାରା ଜାଣିବ ? ତୈତ୍ତରୀୟ ଉପନିଷଦ କୁହନ୍ତି - ଯାହାଙ୍କୁ ବାରମ୍ବାର ଚେଷ୍ଟା କରି ମନ ଓ ବାଣୀ ଥରକୁ ଥର ଫେରିଆସନ୍ତି,ତାଙ୍କୁ କିଏ ବା ଜାଣିପାରିବ (ୟତୋବାଚୋ ନିର୍ବତନ୍ତେ ଅପ୍ରାପ୍ୟ ମନସା ସହ) । ମୁଣ୍ଡକୋପନିଷଦ କୁହନ୍ତି - ନାୟମାତ୍ମା ପ୍ରବଚନେନ ଲଭ୍ୟଃ । ନ ମେଧୟା ନ ବହୁନା ଶ୍ରୁତେନ । ଅର୍ଥାତ ପରଂବ୍ରହ୍ମ ବା ଏହି ଆତ୍ମତତ୍ତ୍ୱକୁ ପ୍ରବଚନ,ମେଧାଶକ୍ତି ବା ବହୁ ଶ୍ରବଣ ଦ୍ୱାରା ମଧ୍ୟ ଜାଣିବା ବା ଲାଭ କରିବା ସମ୍ଭବ ନୁହେଁ ।

ଏତଦବ୍ୟତୀତ ବିଭିନ୍ନ ପ୍ରକାର ମତ, ସିଦ୍ଧାନ୍ତ ଓ ପଥକୁ ଆଧାର କରି ଗଢ଼ିଉଠିଛି ବିଶ୍ୱରେ ଅନେକ ଧର୍ମ ଓ ସମ୍ପ୍ରଦାୟ । କିଏ କହିଛି ଈଶ୍ୱର ଅଛନ୍ତି, କିଏ କହିଛି 'ନାହିଁ ' । ସ୍ୱର୍ଗ ଓ ନର୍କର କଳ୍ପନା ବି ଗଢ଼ିଉଠିଛି । ସେସବୁ ମତକୁ ଆଧାର କରି ଆମର ଏହି କ୍ଷୁଦ୍ର ପୃଥିବୀଟି କେଉଁକାଳରୁ ଭାଗ ଭାଗ ହୋଇଯାଇଛି । ସଂଘର୍ଷ ଓ ରକ୍ତପାତ ଅତୀତରେ ବହୁବାର ଘଟିଛି ଓ ବର୍ତ୍ତମାନ ବି ସାଂଘାତିକ ରୂପ ନେଉଛି । ଆଜିର ମଣିଷ ବେଶି ମାତ୍ରାରେ ଧର୍ମ ନାଁରେ ଅଧିକ ବିଭେଦ ସୃଷ୍ଟି କରନ୍ତି । ସେମାନଙ୍କର ଲକ୍ଷ୍ୟ ଈଶ୍ୱରୋପଲବ୍ଧି ନୁହେଁ ବରଂ ସାଂସାରିକ ଓ ବ୍ୟକ୍ତିଗତ ସ୍ୱାର୍ଥର ପୂର୍ତ୍ତି ନିମନ୍ତେ ଅଭିପ୍ରେତ । ଏହି ପରିପ୍ରେକ୍ଷୀରେ ଓଡ଼ିଆରେ ଗୋଟିଏ ଢଗ ମନେପଡ଼େ– ''ଘରର କେହି ନୁହେଁ, କିନ୍ତୁ ପିଢ଼ାରେ କୁଆ ବସାଇ ଦେଉନି ।'' ଏହି ବିଶ୍ୱ ବ୍ରହ୍ମାଣ୍ଡ କାହାର ? କେମିତି ସ୍ୱୟଂ ଉଦ୍‌ଭବ ହେଲା ? କାହିଁକି ବିବର୍ତିତ ଓ ପରିବର୍ଦ୍ଧିତ ହେଉଛି ? କେମିତି ଝଙ୍କୃତମର ଓ ସ୍ୱସଙ୍ଗର ଭିତରେ ଅନନ୍ତ ଲୀଳା ସଂଘଟିତ ହେବାରେ ଲାଗିଛି ? ଏହାପରେ କ'ଣ କ'ଣ ସବୁ ଘଟିବ ? ଏହି ଅନନ୍ତ ପ୍ରକ୍ରିୟାରେ ଆମର ଟିକିଏ ମାତ୍ର ନିଜର ବୋଲି କିଛି ନାହିଁ ବା ସୁଅ ମୁହଁରେ ପତ୍ର ଭଳି ଆମର ସ୍ଥିତି ସଦା ଟଳମଳ । ତଥାପି ଆମେ ଏହି କ୍ଷୁଦ୍ର ପୃଥିବୀଟିକୁ ନିଜର ପୈତୃକ ସମ୍ପତି ବା ହର୍ତ୍ତାକର୍ତ୍ତା ଦୈବବିଧାତା ଭାବି ତାହାର ପ୍ରାକୃତିକ ଭୂମି, ସମ୍ପଦ ଓ ସମ୍ବଳକୁ ବ୍ୟକ୍ତିଗତ ସ୍ୱାର୍ଥରେ କେବଳ ନିୟୋଜିତ କରୁନାହୁଁ ବରଂ ଧର୍ମ ଓ ଉଗ୍ରମତ ଓ ସିଦ୍ଧାନ୍ତ ମାଧ୍ୟମରେ ସମଗ୍ର ମନୁଷ୍ୟ ସମାଜକୁ ଖଣ୍ଡବିଖଣ୍ଡିତ କରି ଆତଙ୍କିତ କରିଚାଲିଛୁ । ଧର୍ମ ଓ ସମ୍ପ୍ରଦାୟ ଅବା ସିଦ୍ଧାନ୍ତ ଓ ମତ ଦ୍ୱାରା ମଣିଷ ମଣିଷ ଭିତରେ ଦୂରତ୍ୱ ବଢ଼ି ଚାଲିଛି ଓ ହିଂସା ଓ ସଂଘାତକୁ ଆମେ ଆଜିର ବିଶ୍ୱାସ ଭାବେ ଧରିନେଇ ସମଗ୍ର ବିଶ୍ୱକୁ ଗୋଟିଏ ବିଶ୍ୱାସ ଅବା ଗୋଟିଏ ସିଦ୍ଧାନ୍ତରେ ପରିଣତ କରିବାକୁ ଚେଷ୍ଟା ଚଳେଇଛୁ ।

ଏହି ପୃଥିବୀରେ ମନୁଷ୍ୟ ହିଁ ସର୍ବଶ୍ରେଷ୍ଠ ଜୀବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଅନନ୍ତ ବିଶ୍ୱ ବ୍ରହ୍ମାଣ୍ଡରେ ଆମଠୁଁ ଅଧିକ ବୁଦ୍ଧିମାନ ବ୍ୟକ୍ତି ଓ ମାନବୀୟ ଅବା ଅତି-ମାନବୀୟ ସଭ୍ୟତା କେଉଁଠି ରହିଥିବ କିଏ ଜାଣେ ? ବିଜ୍ଞାନ ମାଧ୍ୟମରେ ବହୁ ଗବେଷଣା ଚାଲିଛି, ବହୁ ତଥ୍ୟ ଆବିଷ୍କୃତ ଓ ଉଦ୍ଭାବିତ ହେଉଛି, ମାନବ ସମାଜ ଦିନକୁ ଦିନ ଉପକୃତ ହେଉଛି । ଧର୍ମ ଓ ଦର୍ଶନ ଯେପରି ମାନବ ସମାଜ ପାଇଁ ବରଦାନ ସେପରି ମଧ୍ୟ ବିଜ୍ଞାନ । ଧର୍ମ ଯେତେବେଳେ ବ୍ୟକ୍ତିଗତ ଆଧ୍ୟାତ୍ମିକ ସାଧନାରେ ପରିଣତ ହୁଏ, ସେତେବେଳେ ମନୁଷ୍ୟ ସ୍ରଷ୍ଟା ଓ ସୃଷ୍ଟିର ଏକବାରେ ଅନ୍ତରଙ୍ଗ ହେଇଯାଏ । ସୁଫି ସନ୍ଥ ରୁମିଙ୍କ ଭାଷାରେ ''I thought of you so often, that I completely became you little by little you drew near, and slowly but slowly I passed away" ଆମ ବେଦ, ବେଦାନ୍ତ ଉପନିଷଦ ଓ ଭକ୍ତି ରସାତ୍ମକ ପୁରାଣମାନଙ୍କ ଭିତରେ ଏଭଳି ବହୁ ଦୃଷ୍ଟାନ୍ତମୂଳକ ଆଧ୍ୟାତ୍ମିକ ଉପଲବ୍ଧି ରହିଛି ଏବଂ ବହୁ ଅବତାର, ମହାପୁରୁଷ, ସାଧୁସନ୍ଥ, ଋଷି, ମୁନି ଓ ସନ୍ନ୍ୟାସୀଙ୍କର ତାହା କେନ୍ଦ୍ରବିନ୍ଦୁ ପାଲଟିଛି ।

ଆଧ୍ୟାତ୍ମିକ ଅନ୍ୱେଷଣ ସୂକ୍ଷ୍ମ ଜଗତର କଥା; ଧର୍ମ ଜଗତରୁ ଆଧ୍ୟାତ୍ମିକ ଜଗତକୁ ନିଃସଙ୍ଗ ଯାତ୍ରାର କଥା । ସେହିଭଳି ମଧ୍ୟ ମତବାଦ (Doctrine)ର କଥା । ଯେଉଁ ମତବାଦ ହେଉପଛେ, ତାହା ଯଦି ବଳ ପ୍ରୟୋଗ ଉପରେ ଆଧାରିତ ନହୋଇ ସମଗ୍ର ମାନବ ଜାତିର କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ହୁଏ, ତାହା ସର୍ବଶ୍ରେଷ୍ଠ ମଙ୍ଗଳକାରୀ ମତବାଦ ହେବ । ଯେଉଁମାନେ ସ୍ରଷ୍ଟା ବା ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ, ସେମାନଙ୍କ ଭିତରେ ଅଛନ୍ତି ବହୁ ମାନବପ୍ରେମୀ ଓ ମାନବବାଦୀ । ଗୌତମବୁଦ୍ଧ ଅବଶ୍ୟ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ କିଛି କହିଲେ ନାହିଁ କିନ୍ତୁ ଏପରି କଥା କହିଗଲେ ଯେ ଯାହା ଆସ୍ତିକତା ଅପେକ୍ଷା ମହତ୍ତର – ''ସସୀମ ଅସୀମକୁ ଜାଣିପାରିବ ନାହିଁ'' । ବାସ୍ତବରେ ଆମେ କ୍ଷୁଦ୍ର